# NATIONAL NEWS BULLETIN (ODIA)

**14 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆଲ୍‌ଜେରିଆରେ କାର୍ଯ୍ୟରତ ପ୍ରବାସୀ ଭାରତୀୟମାନେ ଦେଶର ପ୍ରକୃତ ରାଜଦୂତ - କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ବିଶ୍ୱସ୍ତରୀୟ ସାର୍ବଜନିନ ଡିଜିଟାଲ୍ ସଂରଚନା ପ୍ରସ୍ତୁତ କ୍ଷେତ୍ରରେ ଭାରତ ସଫଳ ହୋଇଛି ବୋଲି କହିଛନ୍ତି ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ

- ପ୍ରତିରକ୍ଷା ସହଯୋଗ ସୁଦୃଢ଼ ନିମନ୍ତେ ଆଜିଠାରୁ ୪ ଦିନିଆ ଜାପାନ ଗସ୍ତ କରିଛନ୍ତି ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ।

- ଜାମ୍ମୁ କାଶ୍ମୀରରୁ ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ, ସରକାର ଗଢ଼ିବା ନେଇ ଉପରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ଓମାର ଅବଦୁଲ୍ଲା

ଏବଂ

- ଆଜି ନୋବେଲ୍ କମିଟି ଘୋଷଣା କରିବ ଅର୍ଥଶାସ୍ତ୍ରରେ ନୋବେଲ ବିଜେତା

---

## ରାଷ୍ଟ୍ରପତି–ଆଲ୍‌ଜେରିଆ

ଆଲ୍‌ଜେରିଆର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରବାସୀ ଭାରତୀୟମାନେ ଦେଶର ପ୍ରକୃତ ରାଜଦୂତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଗତକାଲି ତ୍ରିରାଷ୍ଟ୍ରୀୟ ଗସ୍ତରେ ଯାଇ ଆଲ୍‌ଜେରିଆରେ ପହଞ୍ଚିବା ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିଥିଲେ । ରାଷ୍ଟ୍ରପତି କହିଥିଲେ ଉପନିବେଶବାଦ ବିରୁଦ୍ଧରେ ଆଲ୍‌ଜେରିଆର ମୁକ୍ତିଆନ୍ଦୋଳନର ଭାରତ ପ୍ରଥମରୁ ହିଁ ସମର୍ଥନ କରୁଛି । ସେ କହିଛନ୍ତି ଭାରତର ନେତୃବୃନ୍ଦଙ୍କ ସହ ଆଲ୍‌ଜେରିଆର ନେତୃବୃନ୍ଦଙ୍କ ଘନିଷ୍ଠ ବ୍ୟକ୍ତିଗତ ସଂପର୍କ ରହିଛି । ରାଷ୍ଟ୍ରପତି କହିଛନ୍ତି ସେଠାରେ ରହୁଥିବା ପ୍ରତ୍ୟେକ ଭାରତୀୟ ଦେଶର ସଂସ୍କୃତି ଓ ମୂଲ୍ୟବୋଧକୁ ପ୍ରଚାର ପ୍ରସାର କରୁଛନ୍ତି । ସେ କହିଛନ୍ତି ଭାରତୀୟ ସମୁଦାୟ ଉଭୟ ଦେଶ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ଦିଗରେ ଚେଷ୍ଟିତ ଅଛନ୍ତି । ଭୌଗୋଳିକ ଦୂରତା ସତ୍ତ୍ୱେ ଉଭୟ ଦେଶ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ରହିଥିବା ରାଷ୍ଟ୍ରପତି କହିଛନ୍ତି । ଆଲ୍‌ଜେରିଆ ଲୋକଙ୍କର ଭାରତ ପ୍ରତି ଥିବା ସ୍ନେହ ସେଠାରେ ଥିବା ମହାତ୍ମା ଗାନ୍ଧୀ ଏବଂ ଜବାହରଲାଲ ନେହେରୁଙ୍କ ନାମରେ ନାମିତ ସଡ଼କରୁ ଜଣାପଡୁଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ଆଜି ରାଷ୍ଟ୍ରପତି ଆଲ୍‌ଜେରିଆର ପ୍ରମୁଖ ନେତାମାନଙ୍କ ସହ କେତେକ ଦ୍ୱିପାକ୍ଷିକ ବୈଠକ କରିବେ । ଏହାଛଡ଼ା ରାଷ୍ଟ୍ରପତି ଆଲ୍‌ଜେରିଆ-ଭାରତ ଆର୍ଥିକ ମଞ୍ଚକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

ଦ୍ୱିତୀୟ ପର୍ଯ୍ୟାୟରେ ୧୬ ତାରିଖରେ ମୌରିଟାନିଆ ଗସ୍ତରେ ଯାଇ ସେଠାକାର ରାଷ୍ଟ୍ରପତି ମହମ୍ମଦ ଆଉଦ୍ ଚୈକ୍ ଏଲ୍ ଘାଜୌଆନୀଙ୍କ ସହ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୈଠକରେ ଯୋଗଦେବେ ।

ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ରାଷ୍ଟ୍ରପତି ଆସନ୍ତା ୧୭ ତାରିଖରେ ମାଲାଓ୍ୱି ଠାରେ ପହଞ୍ଚିବା ପରେ ସେଠାକାର ରାଷ୍ଟ୍ରପତି ଏବଂ ଅନ୍ୟ ଶୀର୍ଷ ନେତୃବୃନ୍ଦଙ୍କ ସହ ବାଣିଜ୍ୟ ଓ ଶିଳ୍ପ ଆଦି ପ୍ରସଙ୍ଗରେ ଆଲୋଚନା କରିବେ । ଏହି ୩ ରାଷ୍ଟ୍ର ସହ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ସଂପର୍କର ନୂନତ ମାର୍ଗ ଉନ୍ମୁକ୍ତ କରିବା ରାଷ୍ଟ୍ରପତିଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ୧୯ ତାରିଖରେ ରାଷ୍ଟ୍ରପତି ସ୍ୱଦେଶ ଫେରିବେ ।

---

## ଆର୍‌ବିଆଇ-ଗଭର୍ଣ୍ଣର

ଭାରତ ଏକ ବିଶ୍ୱସ୍ତରୀୟ ସାର୍ବଜନିନ ଡିଜିଟାଲ୍ ସଂରଚନା ପ୍ରସ୍ତୁତ କରିସାରିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି । ଆଜି ନୂଆଦିଲ୍ଲୀରେ **୯୦ ବର୍ଷରେ ଆର୍‌ବିଆଇ** ଶୀର୍ଷକ ଏକ ଉଚ୍ଚସ୍ତରୀୟ କର୍ମଶାଳାକୁ ସମ୍ବୋଧିତ କରି ଶ୍ରୀ ଦାସ କହିଛନ୍ତି ଏହି ସଂରଚନା ଉଚ୍ଚ ମୂଲ୍ୟଯୁକ୍ତ ଡିଜିଟାଲ୍ ଆର୍ଥିକ ଉତ୍ପାଦନ କ୍ଷେତ୍ରରେ ସୁବିଧା ପ୍ରଦାନ କରୁଛି । ସେ କହିଛନ୍ତି ଡିଜିଟାଲ ସଂରଚନା ଯୋଗୁଁ ଏବେ ଦେଶରେ ୧ ଲକ୍ଷ ୪୦ ହଜାରରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ କାର୍ଯ୍ୟ କରୁଛି ।

ସେ କହିଛନ୍ତି ଭାରତର ସାର୍ବଜନୀନ ଡିଜିଟାଲ୍ ସଂରଚନା ଅନ୍ୟ ଦେଶ ପାଇଁ ସୁଯୋଗ ସୃଷ୍ଟି କରିଛି, ଯାହାଦ୍ୱାରା ଅନ୍ୟ ଦେଶଗୁଡ଼ିକ ଏହାକୁ ବ୍ୟବହାର କରି ଆର୍ଥିକ ପରିଚାଳନା କ୍ଷେତ୍ରରେ ସର୍ବଶ୍ରେଷ୍ଠ ଉପାୟ ଗ୍ରହଣ କରିପାରିବେ । କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ସଂପର୍କରେ ଶ୍ରୀ ଦାସ କହିଛନ୍ତି

ଏହାର ବ୍ୟବହାର ଯୋଗୁଁ ସାଇବର ଆକ୍ରମଣ ଏବଂ ତଥ୍ୟ ପ୍ରଘଟ ଭଳି ଘଟଣା ଗୁଡ଼ିକ ଆହ୍ୱାନ ସୃଷ୍ଟି କରିଛି । ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକୁ ଅଧିକ ସତର୍କ ହେବା ଲାଗି ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି । ଦେଶରେ ବୃଦ୍ଧି ପାଉଥିବା ଋଣ ପରିମାଣକୁ ନେଇ ଶ୍ରୀ ଦାସ କହିଛନ୍ତି ଋଣ ଆଦାୟ ପରିମାଣ ହ୍ରାସ ପାଉଥିବାରୁ ଏହା ଅର୍ଥିକ ବ୍ୟବସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରିଛି ।

## ପ୍ଲେନ୍-ବମ୍ ସ୍କାର୍

ମୁମ୍ବାଇରୁ ନିଉୟର୍କ ଉଡ଼ାଣ କରିଥିବା ଏୟାର ଇଣ୍ଡିଆର ଏକ ବିମାନକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିବା ପରେ ସଂପୃକ୍ତ ବିମାନକୁ ଦିଲ୍ଲୀକୁ ଫେରାଇ ଅଣାଯାଇଛି । ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ଏପର୍ଯ୍ୟନ୍ତ ଯାଞ୍ଚରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିବା ଜଣାପଡ଼ିଛି ।

ମୁମ୍ବାଇରୁ ମସ୍କଟ୍ ଯାଉଥିବା ଇଣ୍ଡିଗୋର ଏକ ବିମାନକୁ ସମାନ କାରଣ ଯୋଗୁଁ ଅଲଗା ରଖାଯାଇ ଯାଞ୍ଚ କରାଯାଇଛି । ସେହିଭଳି ମୁମ୍ବାଇରୁ ଜେଦା ଯାଉଥିବା ଇଣ୍ଡିଗୋ ବିମାନକୁ ମଧ୍ୟ ବୋମା ଧମକ ମିଳିଥିଲା ।

ଇତିମଧ୍ୟରେ ମୁମ୍ବାଇ-ହାଓ୍ୱଡ଼ା ମେଲ୍‌କୁ ଟାଇମ୍‌ବମ୍‌ରେ ଉଡ଼ାଇଦେବାକୁ ଧମକ ମିଳିଥିଲା । ସଂପୃକ୍ତ ଟ୍ରେନ୍‌କୁ ଜଲଗାଓଁ ଷ୍ଟେସନ୍‌ରେ ଅଟକାଇ ଯାଞ୍ଚ କରାଯାଇଥିଲା । ତେବେ ଏଥିରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିଲା । ପରେ ସଂପୃକ୍ତ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା ।

# ସେନାମୁଖ୍ୟ-ଜାପାନ

ଭାରତୀୟ ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ସୁରକ୍ଷା ସହଯୋଗ ସୁଦୃଢ଼ କରିବା ନିମନ୍ତେ ଆଜିଠାରୁ ୪ ଦିବସୀୟ ଜାପାନ ଗସ୍ତ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଉଭୟ ଦେଶର ସେନା ମଧ୍ୟରେ ସହଯୋଗ ଦୃଢ଼ କରିବା ଏବଂ ବିଭିନ୍ନ ଉପାୟ ସମ୍ବନ୍ଧରେ ଆଲୋଚନା କରିବା ନିମନ୍ତେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମୁଖ୍ୟତଃ ଭାରତ-ଜାପାନ ମଧ୍ୟରେ ଦୃଢ଼ ସୈନ୍ୟ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ । ସେନାମୁଖ୍ୟ ଇଚିଗୟାରେ ସୁରକ୍ଷା ମନ୍ତ୍ରଣାଳୟର ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି ।

---

# କେରଳ ଅଭିନେତା ଗିରଫ

ତାମିଲ-ମାଲାୟଲମ୍ ଚଳଚ୍ଚିତ୍ର ଅଭିନେତା ବାଲାଙ୍କୁ ଆଜି ସକାଳେ କୋଚି ପୋଲିସ୍ କେରଳରୁ ଗିରଫ କରିଛି । ବାଲାଙ୍କ ପୂର୍ବତନ ପତ୍ନୀ ତଥା ଗାୟିକା ଅମୃତା ସୁରେଶଙ୍କ ଅଭିଯୋଗ ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସାମାଜିକ ଗଣମାଧ୍ୟମ ଜରିଆରେ ତାଙ୍କୁ ଅପମାନିତ କରାଯାଉଥିବା ଅମୃତା ଅଭିଯୋଗ କରିଛନ୍ତି । ଆଜି ଅଭିନେତା ବାଲାଙ୍କୁ କୋର୍ଟରେ ହାଜର କରାଯିବ ।

---

# ଆର୍‌ବିଆଇ-ଗଭର୍ଣ୍ଣର

ଭାରତ ଏକ ବିଶ୍ୱସ୍ତରୀୟ ସାର୍ବଜନିନ ଡିଜିଟାଲ୍ ସଂରଚନା ପ୍ରସ୍ତୁତ କରିସାରିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି । ଆଜି ନୂଆଦିଲ୍ଲୀରେ **୯୦ ବର୍ଷରେ ଆର୍‌ବିଆଇ** ଶୀର୍ଷକ ଏକ

ଉଚ୍ଚସ୍ତରୀୟ କର୍ମଶାଳାକୁ ସମ୍ବୋଧିତ କରି ଶ୍ରୀ ଦାସ କହିଛନ୍ତି ଏହି ସଂରଚନା ଉଚ୍ଚ ମୂଲ୍ୟଯୁକ୍ତ ଡିଜିଟାଲ୍ ଆର୍ଥିକ ଉତ୍ପାଦନ କ୍ଷେତ୍ରରେ ସୁବିଧା ପ୍ରଦାନ କରୁଛି । ସେ କହିଛନ୍ତି ଡିଜିଟାଲ ସଂରଚନା ଯୋଗୁଁ ଏବେ ଦେଶରେ ୧ ଲକ୍ଷ ୪୦ ହଜାରରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ କାର୍ଯ୍ୟ କରୁଛି ।

ସେ କହିଛନ୍ତି ଭାରତର ସାର୍ବଜନୀନ ଡିଜିଟାଲ୍ ସଂରଚନା ଅନ୍ୟ ଦେଶ ପାଇଁ ସୁଯୋଗ ସୃଷ୍ଟି କରିଛି, ଯାହାଦ୍ୱାରା ଅନ୍ୟ ଦେଶଗୁଡ଼ିକ ଏହାକୁ ବ୍ୟବହାର କରି ଆର୍ଥିକ ପରିଚାଳନା କ୍ଷେତ୍ରରେ ସର୍ବଶ୍ରେଷ୍ଠ ଉପାୟ ଗ୍ରହଣ କରିପାରିବେ । କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ସଂପର୍କରେ ଶ୍ରୀ ଦାସ କହିଛନ୍ତି ଏହାର ବ୍ୟବହାର ଯୋଗୁଁ ସାଇବର ଆକ୍ରମଣ ଏବଂ ତଥ୍ୟ ପ୍ରଘଟ ଭଳି ଘଟଣା ଗୁଡ଼ିକ  ଆହ୍ୱାନ ସୃଷ୍ଟି କରିଛି । ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକୁ ଅଧିକ ସତର୍କ ହେବା ଲାଗି ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି । ଦେଶରେ ବୃଦ୍ଧି ପାଉଥିବା ଋଣ ପରିମାଣକୁ ନେଇ  ଶ୍ରୀ ଦାସ କହିଛନ୍ତି ଋଣ ଆଦାୟ ପରିମାଣ ହ୍ରାସ ପାଉଥିବାରୁ ଏହା ଅର୍ଥିକ ବ୍ୟବସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରିଛି ।

---

## ନୋବେଲ୍-ଅର୍ଥଶାସ୍ତ୍ର

ନରୱେ ର ନୋବେଲ କମିଟି ଆଜି ସନ୍ଧ୍ୟାରେ ଅର୍ଥଶାସ୍ତ୍ରରେ ନୋବେଲ୍ ପୁରସ୍କାର ଘୋଷଣା କରିବ । ଏଥିଲାଗି ଋଣକ୍ଷେତ୍ରରେ ସରକାରଙ୍କ ଭୂମିକା ଏବଂ ଆର୍ଥିକ ଅସମାନତା କ୍ଷେତ୍ରରେ ଉପାୟ ଖୋଜି ବାହାର କରୁଥିବା ବିଶେଷଜ୍ଞମାନଙ୍କ ମଧ୍ୟରୁ ଏହି ପୁରସ୍କାର ଲାଗି ଚୟନ କରାଯିବା ସମ୍ଭାବନା ରହିଛି । ଗତବର୍ଷ ଆମେରିକାର ଅର୍ଥନୀତିଜ୍ଞ କ୍ଲାଉଡିଆ ଗୋଲ୍ଡ୍‌ୱିନ୍‌ଙ୍କୁ ଏହି ପୁରସ୍କାର ମିଳିଥିଲା । ଆଜି ଭାରତୀୟ ସମୟ

ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଅର୍ଥନୀତି ପାଇଁ ନୋବେଲ୍ ପୁରସ୍କାର ଘୋଷଣା କରାଯିବ। ୧୯୬୯ ମସିହା ଠାରୁ ଏପର୍ଯ୍ୟନ୍ତ ୯୩ ଜଣଙ୍କୁ ଏହି ସମ୍ମାନ ମିଳିସାରିଛି । ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି । ୨୦୨୩ରେ କ୍ଲାଉଡିଆ ଗୋଲ୍‌ଡଓ୍ୱିନ୍, ୨୦୦୯ରେ ଆମେରିକାର ଏଲ୍‌ନିର୍ ଆଷ୍ଟ୍ରୋମ ଏବଂ ୨୦୧୯ରେ ଫ୍ରାନ୍ସ-ଆମେରିକୀୟ ଏସ୍ତର ଡୁଫ୍ଲୋ ଙ୍କୁ ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାର ମିଳିଥିଲା ।

## ସ୍ପେସଏକ୍ସ ଷ୍ଟାରସିପ୍

ଆମେରିକାର ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ ଏକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି । କମ୍ପାନୀର ଷ୍ଟାର୍‌ସିପ୍ ଗତ ସନ୍ଧ୍ୟାରେ ଦକ୍ଷିଣ ଟେକ୍‌ସାସ୍ ସ୍ଥିତ ଲଞ୍ଚ୍‌ପ୍ୟାଡ୍‌ରେ ପଡ଼ିବାକୁ ଯାଉଥିବା ବୁଷ୍ଟର ଷ୍ଟେଜ୍‌କୁ ରୋବୋର୍ଟିକ୍ ଆର୍ମସ୍ ଜରିଆରେ ସୁରକ୍ଷିତ ଭାବେ ଅଟକାଇଦେଇଛି । ଭାରତୀୟ ସମୟ ସନ୍ଧ୍ୟା ୫ଟା ୫୫ ମିନିଟ୍‌ରେ ଷ୍ଟାରସିପ୍ ଉଡ଼ାଣ ଆରମ୍ଭ କରିଥିଲା । ଉଡ଼ାଣ ପରେ ବୁଷ୍ଟର’ ଲଞ୍ଚ୍‌ପ୍ୟାଡ୍ ଆଡ଼କୁ ଫେରିଆସିଥିଲା, ଯେତେବେଳେକି ଷ୍ଟାର୍‌ସିପ୍‌ର ଉପରଭାଗ ୧ଘଣ୍ଟା ମଧ୍ୟରେ ହିନ୍ଦ୍ ମହାସାଗର ଆଡ଼କୁ ଯିବାର ଥିଲା ।

୭୧ ମିଟର ଉଚ୍ଚତା ବିଶିଷ୍ଟ ଷ୍ଟାରସିପ୍ ରକେଟ୍ ଅତ୍ୟନ୍ତ ଶକ୍ତିଶାଳୀ ମହାକାଶଯାନ ବୋଲି କୁହାଯାଇଛି । ଏହି ରକେଟ୍‌କୁ ବାରମ୍ବାର ପ୍ରୟୋଗ କରାଯାଇ ପାରିବ । ସ୍ପେସ୍‌ଏକ୍ସ କମ୍ପାନୀ ପୁରୁଣା ରକେଟ୍ ପ୍ରଣାଳୀଠାରୁ ଅଲଗା ଏକ ମହାକାଶ ଯାନ ନିର୍ମାଣ କରିବାକୁ ଚେଷ୍ଟା କରୁଛି, ଯାହା ପୃଥିବୀପୃଷ୍ଠକୁ ଆସି ଇନ୍ଧନ ଭରିବାର କିଛିଘଣ୍ଟା ପରେ ପୁଣି ମହାକାଶକୁ ଯାତ୍ରା କରିପାରିବ।

## ଚୀନ୍-ଅଭ୍ୟାସ

ଚୀନ୍ ସେନା ତାଇୱାନ୍ ନିକଟରେ ଅଭ୍ୟାସ ଆରମ୍ଭ କରିଛି । ଚୀନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ସଂଯୁକ୍ତ ସ୍କ୍ୱାର୍ଡ ୨୦୨୪ ଅନ୍ତର୍ଗତ ଏହି ଅଭ୍ୟାସ କାର୍ଯ୍ୟ ତାଇୱାନ୍‌ର ଅନେକ ଅଞ୍ଚଳରେ ହେଉଛି । ମନ୍ତ୍ରଣାଳୟ ଅନୁଯାୟୀ ଚୀନ୍ ଜାହାଜ ଏବଂ ବିମାନ ଗୁଡ଼ିକ ବିଭିନ୍ନ ଦିଗରୁ ତାଇୱାନ ଆଡ଼କୁ ଅଗ୍ରସର ହେଉଛନ୍ତି । ସେଠାକାର ପ୍ରମୁଖ ଅଞ୍ଚଳଗୁଡ଼ିକରେ ଗତିବିଧି ଉପରେ ପ୍ରତିବନ୍ଧକ ଜାରି କରାଯାଇଥିବା ବେଳେ ସମୁଦ୍ର ଏବଂ ସ୍ଥଳଭାଗରେ ବିଭିନ୍ନ ସ୍ଥାନକୁ ଲକ୍ଷ୍ୟ କରାଯାଉଛି ।

ଅନ୍ୟପକ୍ଷରେ ତାଇୱାନର ସୁରକ୍ଷା ମନ୍ତ୍ରଣାଳୟ ଚୀନ୍‌ର ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରିଛି । ମନ୍ତ୍ରଣାଳୟ କହିଛି ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ନିମନ୍ତେ ତାଇୱାନ ଆବଶ୍ୟକ ସୁରକ୍ଷା ବଳ ସଂପୃକ୍ତ ଅଞ୍ଚଳକୁ ପଠାଇଛି । ୭ଟି ନୌସେନା ସହିତ ୨୫ଟି PLA ବିମାନ ଓ ୧୧ଟି ଜାହାଜ ମୁତୟନ କରାଯାଇଛି । ଗତ କିଛିବର୍ଷ ହେବ ଚୀନ୍ ତାଇୱାନ୍ ଆଖପାଖ ଅଞ୍ଚଳରେ ସେନା ଗତିବିଧି ବୃଦ୍ଧି କରିଛି ।

---

## ସ୍ପେନ୍-ଏଜିଟେସନ୍

ସ୍ପେନ୍‌ର ମାଦ୍ରିଦ୍‌ରେ ବାସଗୃହ ଭଡ଼ାରେ ବୃଦ୍ଧିକୁ ବିରୋଧ କରି ଶସ୍ତା ଦରରେ ବାସଗୃହ ଯୋଗାଇଦେବାକୁ ହଜାର ହଜାର ଲୋକ ଗତକାଲି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭକାରୀମାନେ କମ୍ ଭଡ଼ା ଏବଂ ସୁବିଧାଯୁକ୍ତ ବାସଗୃହ ଦାବିରେ ମାଦ୍ରିଦ୍‌ରେ ର୍‍ୟାଲି କରିଥିଲେ । ବିରୋଧ ପ୍ରଦର୍ଶନ କରୁଥିବା ଆୟୋଜକମାନେ ଦାବି କରିଛନ୍ତି ଯେ ଏହି ବିକ୍ଷୋଭ

ପ୍ରଦର୍ଶନରେ ଦେଢ଼ଲକ୍ଷରୁ ଅଧିକ ଲୋକ ଭାଗ ନେଇଥିଲେ । ତେବେ ସେଠାକାର ସରକାର ଏହି ସଂଖ୍ୟା ୨୨ ହଜାର ପାଖାପାଖି ହେବ ବୋଲି କହିଛନ୍ତି । ସ୍ପେନ୍‌ରେ ବାସଗୃହ ମାଲିକମାନେ ପର୍ଯ୍ୟଟକମାନଙ୍କଠାରୁ ଅଧିକ ଭଡ଼ା ନେଉଥିବା କାରଣରୁ ସେଠାକାର ଲୋକମାନଙ୍କୁ କମ୍ ମୂଲ୍ୟରେ ଭଡ଼ା ଘର ମିଳୁନାହିଁ ଏବଂ ଭଡ଼ାଘର ମିଳିଲେ ମଧ୍ୟ ସବୁ ସୁବିଧା ସୁଯୋଗ ମିଳୁନାହିଁ । ଏସବୁକୁ ନେଇ ସେଠାକାର ବାସିନ୍ଦାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଓମ୍ ବିର୍ଲା-ଆଇପିୟୁ ଆସେମ୍ବ୍ଲି

ଜେନେଭାଠାରେ ଆନ୍ତଃ ସଂସଦୀୟ ସଂଘ ଆଇ.ପି.ୟୁ ର ୧୪୯ତମ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଏଥିରେ ଯୋଗଦେବା ଲାଗି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଭାରତର ସଂସଦୀୟ ପ୍ରତିନିଧିମଣ୍ଡଳୀ ଗତରାତିରେ ଜେନେଭାଠାରେ ପହଞ୍ଚିଛନ୍ତି । ଅଧିକ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଉଦ୍ଭାବନର ଉପଯୋଗ ଶୀର୍ଷକରେ ଶ୍ରୀ ବିର୍ଲା ତାଙ୍କର ଅଭିଭାଷଣ ପ୍ରଦାନ କରିବେ । ଆଇ.ପି.ୟୁର ପରିଚାଳନା ପରିଷଦ ବୈଠକରେ ଶ୍ରୀ ବିର୍ଲା ଅଂଶଗ୍ରହଣ କରିବା ସହ ଜେନେଭାରେ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅଧିବେଶନରେ ଅଂଶଗ୍ରହଣ କରୁଥିବା ଅନ୍ୟ ରାଷ୍ଟ୍ରର ସଂସଦୀୟ ପ୍ରତିନିଧି ମଣ୍ଡଳୀର ମୁଖ୍ୟଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସିଂହଙ୍କ ସମେତ ଉଭୟ ସଂସଦର ମନୋନୀତ ସଦସ୍ୟ ଏହି ଅଧିବେଶନରେ ଅଂଶଗ୍ରହଣ କରିବାକୁ ଶ୍ରୀ ବିର୍ଲାଙ୍କ ସହ ଯାଇଛନ୍ତି । ଆସନ୍ତା ୧୭ ତାରିଖରେ ଏହି ଅଧିବେଶନ ଉଦ୍‌ଯାପିତ ହେବ ।